

# ପିଜୁଳି ବଗିଚାରୁ ଅଧିକ ଲାଭ ପାଇବା ପାଇଁ ଫସଲ ନିୟନ୍ତ୍ରଣ

ପିଜୁଳି ନିଜର ସ୍ୱାଦ, ସୁଗନ୍ଧ, ଅଳ୍ପ ମୂଲ୍ୟ ଓ ପ୍ରଚୁର ମାତ୍ରାରେ ମିଳୁଥିବାରୁ ଲୋକ ମାନଙ୍କ ମଧ୍ୟରେ ଆଦୃତ । ପିଜୁଳି ଭିଟାମିନ୍ ସି ରେ ପ୍ରଚୁର ଓ ଅନ୍ୟାନ୍ୟ ବହୁମୂଲ୍ୟ ମିନେରାଲ୍‌ରେ ପରିପୂର୍ଣ୍ଣ ଥିବାରୁ 'ଗରିବ ଲୋକ ମାନଙ୍କର ସେଓ' ଏବଂ ଗ୍ରୀଷ୍ମ ମଣ୍ଡଳୀୟ ସେଓ ନାମରେ ପ୍ରସିଦ୍ଧ, ପିଜୁଳି ଗଛକୁ ବେଶି ଯତ୍ନ ଦରକାର ପଡ଼ି ନଥାଏ, କମ୍ ଯତ୍ନରେ ଏହା ଭଲ ଭାବରେ ବଢ଼ିଥାଏ । ଆମ ରାଜ୍ୟ ପାଇଁ କିଛି ଭଲ କିସମ ଗୁଡ଼ିକ ମଧ୍ୟରେ ଆଲ୍ଲାହବାଦ ସଫେଦା (Allahabad Safeda), ଲକ୍ଷ୍ମୌ ୪୯ , ହିସାର ସଫେଦା (Hissar Safeda) , ଅର୍କକ ଅମୂଲ୍ୟ (Arka Amulya) ଏବଂ ଅର୍କ ମ୍ରିଦୁଳା (Arka Mridula) ଭଲ ଅମଳ ଦେଇଥାନ୍ତି ।

ଗଚ୍ଛରେ ଭଲ ମାତ୍ରାରେ ସାର ଓ ଖତ ଦେଇ ଥିଲେ ଏହା ଭଲ ଭାବରେ ବଢ଼ିଥାଏ । ଏହା ସହିତ ଅଣୁସାର ପ୍ରୟୋଗ ଦ୍ୱାରା ଗଛରୁ ଉତ୍କୃଷ୍ଟ ସ୍ତରର ଫଳ ଅମଳ ହୋଇଥାଏ । ସାଧାରଣତଃ ଗୋଟିଏ ୬ ବର୍ଷ ପୁରୁଣା ଗଛକୁ ୧.୫ କେ.ଜି ସାର ଦରକାର ପଡ଼ିଥାଏ । ଏଥିଲାଗି ସମାନ ମାତ୍ରାରେ ୟୁରିଆ, ସୁପର (SSP) ଏବଂ ପଟାସ (MOP) କୁ ଭଲ ଭାବରେ ମିଶାଇ ଗୋଟିଏ ଗଛ ପିଛା ୧.୫ କେ.ଜି ସାର ଦିଆଯାଏ । ଗଛଟି ବଢ଼ିବା ସଙ୍ଗେ ସଙ୍ଗେ ଅଣୁସାର ଅଭାବ ଦେଖା ଯାଇଥାଏ, ଯାହା ଫଳରେ ପତ୍ର ଗୁଡ଼ିକ କଂସା ରଙ୍ଗର ହୋଇଥାନ୍ତି, ଏହାକୁ ବ୍ରୋନ୍‌ଜିଙ୍ଗ୍ (Bronzing) କୁହାଯାଇଥାଏ । ଏହାକୁ ଠିକ୍ କରିବାକୁ ହେଲେ ୦.୫ ଡ଼ାଇ ଏମୋନିଅମ ଫସ୍‌ଫେଟ ଏବଂ ଜିଙ୍କ ସଲଫେଟ୍ ସପ୍ତାହେ ବ୍ୟବଧାନରେ ୨ ମାସ ପାଇଁ ସିଂଚନ କରିବାକୁ ପଡ଼ିଥାଏ ।

ଡାଇ ବାକ୍ (Die back) ମଧ୍ୟ ଏକ ଫିଜିଓଲୋଜିକାଲ (Physiological) ବିଶୃଙ୍ଖଳା ଯେଉଁ ଥିରେ ଉଭୟ ଯୁବକ ଏବଂ ବୟସ୍କ ଗଛ ଗୁଡ଼ିକ ଆକ୍ରାନ୍ତ ହୋଇଥାନ୍ତି । ଏହା ଫଳରେ ସବା ତଳ ଡ଼ାଳ ଗୁଡ଼ିକ ସୁଖି ଯାଇଥାଏ ଏବଂ ଏହା ତଳ ଡ଼ାଳରୁ ଉପର ଡ଼ାଳକୁ ମାଡ଼ିଥାଏ । କିଛି ଦିନ ଭିତରେ ସମ୍ପୂର୍ଣ୍ଣ ଗଛଟି ସୁଖି ଯାଇଥାଏ । ସଂକ୍ରମିତ ଡ଼ାଳ ଗୁଡ଼ିକ ଝଡ଼ି ଯିବାରୁ ଗଛଟି ସୁଖିଲା ଏବଂ ଥୁଂଗା ଦରମରା ଦେଖାଯାଏ । । ଏହକୁ ଠିକ୍ କରିବା ଲାଗି ଚୂନ କିମ୍ବା ଜିପ୍‌ସମ୍ ନିର୍ଦ୍ଦିଷ୍ଟ ପରିମାଣରେ ମାଟିରେ ମିଶେଇବାକୁ ପଡ଼ିଥାଏ । ବୋରନ୍ ଅଭାବରୁ ନୂଆ କଅଁଳ ପତ୍ର ଗୁଡ଼ିକରେ ନାଲି ଦାଗ ଦେଖାଯାଇଥାଏ । ୦.୩ % ବୋରିକ୍ ଏସିଡ୍ ସାଙ୍ଗରେ ୦.୫% ଜିଙ୍କ୍ ସଲଫେଟ ଫୁଲ ଆସିବାର

୧୦-୧୫ ଦିନ ଆଗରୁ ପକାଇବାଦ୍ୱାରା ଏହାର ନିରାକରଣ ହୋଇଥାଏ।

ପିଜୁଳି ଗଛରେ ବହୁ ପରିମାଣରେ ଫୁଲ ଧରିଥାଏ ଓ ଗଛ ମଧ ପ୍ରଚୁର ମାତ୍ରାରେ ଫଳ ଦେଇଥାଏ । ପୂର୍ବ ଭାରତରେ ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ପିଜୁଳି ଗଛରେ ବର୍ଷକୁ ଦୁଇଥର ଆଖି ଦୃଶିଆ ଫଳ ଆସିଥାଏ । ଫୁଲ ଆସିବାକୁ ବୈଷୟିକ ଭାଷାରେ ବାହାର କୁହାଯାଇଥାଏ

ବସନ୍ତ ଋତୁରେ (ମାର୍ଚ୍ଚ-ଅପ୍ରେଲ) ରେ ଫୁଲ ଆସିଲେ ଏହାକୁ ଅମ୍ବେ (Ambe bahar ) ବାହାର କୁହାଯାଏ । ଯାହାକି ବର୍ଷା ଦିନିଆ ଫଳ ଦେଇଥାଏ । ବର୍ଷା ଦିନେ ଫୁଲ ଆସିବାକୁ (ଜୁଲାଇ-ଅଗଷ୍ଟ) ମ୍ରିଗ୍ ବାହାର (Mrig bahar ) କୁହାଯାଏ । ଯାହାକି ଶିତ ଦିନିଆ ଅମଳ ଦେଇଥାଏ।

ସାଧାରଣତଃ (Ambe bahar ) ଅମ୍ବେ ବାହାରରେ ପ୍ରଚୁର ପରିମାଣର ଫୁଲ ଆସିଥାଏ ଏବଂ ମ୍ରିଗ୍ ବାହାରରେ କମ୍ ଫୁଲ ଧରିଥାଏ । କାରଣ ଗଛର ସଂରକ୍ଷିତ ଖାଦ୍ୟ ଟି ବର୍ଷା ଦିନିଆ ଫଳରେ ଖର୍ଚ୍ଚ ହୋଇଯାଇଥାଏ ତେଣୁ (Ambe bahar ) ଅମ୍ବେ ବାହାର ଅଧିକ ଅମଳ ଥିବା ବର୍ଷା ଦିନିଆ ଫସଲ ଦେଇଥାଏ ଏବଂ ମ୍ରିଗ୍ ବାହାର (Mrig bahar ) ଅଳ୍ପ ପରିମାଣର ଶୀତ ଦିନିଆ ଫସଲ ଦେଇଥାଏ । କିନ୍ତୁ ଫଳର ଗୁଣକୁ ଦେଖିଲେ ଶୀତ ଦିନିଆ ଫଳର ସ୍ତର ବର୍ଷା ଦିନିଆ ଫଳର ଗୁଣ ଠାରୁ ଆଗରେ ଥାଏ । ଏହାର କାରଣ ଶୀତ ଦିନିଆ ଫସଲ ର ସ୍ୱାଦ ଅଧିକ ଏବଂ ଏହା fruit fry ( ଫଳ ମାଛି) ଆକ୍ରାନ୍ତରୁ ବର୍ଜିତ ଥାଏ । ବର୍ଷା ଦିନିଆ ଅମଳରେ ଫଳ ମାଛି ଅଧିକ ମାତ୍ରାରେ ଦେଖା ଦେଇଥାଏ ଏବଂ ଫଳର ସ୍ୱାଦ ମଧ ପାଣିଚିଆ ଥାଏ । ଗ୍ରାହକଙ୍କୁ ଶୀତ ଦିନିଆ ଅମଳ ଭଲ ଲାଗୁ ଥିବାରୁ ଚାଷୀଙ୍କୁ (Mrig bahar ) ମ୍ରିଗ୍ ବାହାର ରୁ ଅଧିକ ଲାଭ ମିଳିଥାଏ।

ଏଣୁ ପିଜୁଳିର ଏହି ପ୍ରାକୃତିକ ଫୁଲ ଓ ଫଳ ଧରିବା ବ୍ୟବହାରକୁ ନିୟନ୍ତ୍ରଣ କରି ଆମେ ବାହାରକୁ ସୀମିତ କରି (Mrig bahar ) ମ୍ରିଗ୍ ବାହାର କୁ ପ୍ରୋତ୍ସାହନ ଦେଇ ଅଧିକ ଶୀତ ଦିନିଆ ଅମଳ ପାଇ ପାରିବା ଯାହା ଫଳରେ ପିଜୁଳି ଚାଷ, ଚାଷୀଙ୍କ ପାଇଁ ଲାଭଜନକ ହୋଇପାରିବ । ଏହାକୁ ଆମେ ଫୁଲ ନିୟନ୍ତ୍ରଣ କିମ୍ବା Bahar Treatment ବୋଲି କହିଥାଉ । ଏହି ପ୍ରଣାଳିରେ ଅମ୍ବେ ବାହାରକୁ ସୀମିତ କରି (Mrig bahar ) ମ୍ରିଗ୍ ବାହାର କୁ ପ୍ରୋତ୍ସାହନ କରାଯାଇଥାଏ । ଗଛକୁ ଅଧିକ ପରିମାଣରେ ଶୀତ ଦିନିଆ ଫଳ ଦେବାପାଇଁ ଏହା କରାଯାଇଥାଏ।

ମ୍ରିଗ୍ ବାହାର କୁ ପ୍ରୋତ୍ସାହନ କରାଯାଇଥାଏ । ଗଛକୁ ଅଧିକ ପରିମାଣରେ ଶୀତ ଦିନିଆ ଫଳ ଦେବାପାଇଁ ଏହା କରାଯାଇଥାଏ।

**ପିଜୁଳିରେ ଫସଲ ନିୟନ୍ତ୍ରଣ ପ୍ରଣାଳୀ :**

କ) ବର୍ଷା ଦିନିଆ ଫସଲକୁ ସୀମିତ କରିବାକୁ ହେଲେ ଆମକୁ ଅମ୍ବେ ବାହାର (ଅମ୍ବେ ବାହାର) କୁ ସୀମିତ କରିବାକୁ ପଡ଼ିଥାଏ । ଏଥିପାଇଁ ଡ଼ାଳ ଗୁଡ଼ିକୁ ଫେବୃୟାରୀ – ମାର୍ଚ୍ଚ ମାସରେ କଟାଯାଏ ଯାହା ଫଳରେ ବସନ୍ତ ଋତୁରେ ଫୁଲ ଆସିନଥାଏ । ଡ଼ାଳ ଗୁଡ଼ିକୁ ଏପରି କାଟିବାରୁ ଡାଳ ଗୁଡ଼ିକରେ ଆକାର ବୃଦ୍ଧି ହୋଇଥାଏ ଏବଂ ପ୍ରଚୁର ଶାଖା ପ୍ରଶାଖା ମଧ ହୁଏ ଏବଂ ଏହି ଡ଼ାଳ ଗୁଡ଼ିକ ବର୍ଷା ଦିନରେ ଫୁଲ ଧରିଥାନ୍ତି । କାରଣ ପିଜୁଳିର ନୂଆ ଡ଼ାଳରେ ଫୁଲ ଆସିଥାଏ।



**ଖ) Branches Bending** ( ଡାଳ ଗୁଡ଼ିକୁ ଟାଣି ତଳେ ଭୂଇଁରେ ବାନ୍ଧିବା ) ଏବଂ Pruning (ଗଛକୁ ମାର୍ଚ୍ଚ ଏପ୍ରିଲରେ କାଟିବା) Pruning କରିବା ଫଳରେ ପାର୍ଶ୍ୱ ଶାଖା ଏବଂ କଢ଼ ଅଧିକ ମାତ୍ରାରେ ହୋଇଥାଏ, ଯାହାକି ବର୍ଷା ଦିନରେ ଫୁଲ ଦେଇଥାନ୍ତି । ଡାଳ ଗୁଡ଼ିକୁ ଟାଣି ଭୂଇଁରେ ବାନ୍ଧିବା ପ୍ରଣାଳିରେ ଆମେ ଡ଼ାଳର ଅଗ ଗୁଡ଼ିକରେ ୧୦-୧୫ ହଳ ପତ୍ର ରଖି ବାକି ପତ୍ର ଗୁଡ଼ିକୁ ଛିଣ୍ଡେଇ ଦେଇଥାଉ ।



ଏହା ପରେ ଡ଼ାଳ ଗୁଡ଼ିକୁ ଆମେ ଧିରେ ଧିରେ ବଙ୍କା କରି ତଳକୁ ନୂଆଁଇ ଡ଼ାଳର ଅଗକୁ ଭୂଇଁରେ କାଠ ପେଗ(କିଳା) ସହାଯ୍ୟରେ ବାନ୍ଧିଥାଉ । ଡ଼ାଳ ଗୁଡ଼ିକୁ ଏମିତି ଅବସ୍ଥାରେ ପତ୍ର ନ ଆସିବା ଯାଏଁ ବନ୍ଧା ହୋଇ ରଖାଯାଇ ଥାଏ ।ଯେଉଁ ଡ଼ାଳ ଗୁଡ଼ିକରେ ପତ୍ର ସମ୍ପୂର୍ଣ୍ଣ ଭାବରେ ଆସିଥାଏ ( ସାଧାରଣତଃ ୪୦-୪୫ ଦିନ ଭିତରେ ) ସେହି ଡ଼ାଳ ଗୁଡ଼ିକୁ ଖୋଲି ଦିଆ ଯାଇଥାଏ । ଏହି ଡ଼ାଳ ଗୁଡ଼ିକୁ Pruning ( ଡ଼ାଳ ପତ୍ରର ଅଗ କାଟିବା ) ଏବଂ ବଙ୍କା କରିବା ଫଳରେ ବୃକ୍ଷ ପୁଷ୍ଟ ହୋଇଥାନ୍ତି , ଓ ଏଥିରେ ଅଧିକ ପରିମାଣର ଫୁଲ ଧରିଥାଏ । ଏହି ଫଳରୁ ବଡ଼ ଏବଂ ଭଲ ମାନର ପିଜୁଳି ଅମଳ ହୋଇଥାଏ।

**ଗ) ଶୀତ ଦିନିଆ ଫସଲ ଅମଳ ପରବର୍ତ୍ତି ପାଣିର ଅଭାବ ପରିସ୍ଥିତି ସୃଷ୍ଟି:**

ପାଣିର ଅଭାବ ପରିସ୍ଥିତି ସୃଷ୍ଟି କରିବା ଫଳରେ ମାର୍ଚ୍ଚ -ଅପ୍ରେଲ ମାସରେ ଆସିଥିବା ଫୁଲ ଗୁଡ଼ିକ ଝଡ଼ି ଯାଇଥାଏ ଓ ଗଛଟି ନିଷ୍କ୍ରିୟ

ଅବସ୍ଥାରେ ଗତି କରିଥାଏ । ଗଛର ମୂଳକୁ ଭଲ ଭାବରେ କୋଡ଼ା ଖୋସା କରି ଗଛ ଚାରିପଟେ ନାଳ ତିଆରି କରି, ଏହି ନାଳରେ ନିର୍ଦ୍ଦିଷ୍ଟ ପରିମାଣରେ ଖତ, ସାର ଓ ପାଣି ଦେବା ଦରକାର । ଏହା ଫଳରେ ବର୍ଷା ଦିନରେ ପ୍ରଚୁର ପରିମାଣରେ ଫୁଲ ଆସିଥାଏ । ଏହି ଫୁଲ ଶୀତ ଦିନରେ ଭଲ ଫଳରେ ପରିବର୍ତ୍ତନ ହୋଇଥାଏ ।

ପାଣିର ଅଭାବ ପରିସ୍ଥିତି (Water stress condition) ଡିସେମ୍ବର ମାସରୁ ଆରମ୍ଭ କରି ଜୁନ୍ ମାସ ପର୍ଯ୍ୟନ୍ତ ( ବର୍ଷା ଆରମ୍ଭ



ହେବା ପର୍ଯ୍ୟନ୍ତ) କରାଯାଇଥାଏ, ଏହି ପ୍ରଣାଳୀ ଚାଷୀ ମାନଙ୍କ ପାଇଁ ଲାଭଦାୟକ ହୋଇଥାଏ ।

ଘ) ଏପ୍ରିଲ – ମେ ରୁ ଆରମ୍ଭ କରି ମଇ-ଜୁନ ପର୍ଯ୍ୟନ୍ତ ଗଛକୁ ଅଧିକ ମାତ୍ରାର ସାର ଦେବା ଫଳରେ ଖରା ଦିନରେ ଗଛରେ ଅଧିକ ଜୈବିକ ବିକାଶ ବୃଦ୍ଧି ପାଇଥାଏ । ଏହା ଫଳରେ ବର୍ଷା ଦିନରେ ବହୁତ ପରିମାଣର ଫୁଲ ଧରିଥାଏ ଏବଂ ଉନ୍ନତ ମାନର ଫଳ ଶୀତ ଦିନରେ ହୋଇଥାଏ ।

ଙ) ଅଣେ ବାହାର ର ଫୁଲକୁ ନଷ୍ଟ କରିବା (Deblossoming) :

ବଜାରରେ ବିଭିନ୍ନ ପ୍ରକାରର ହର୍ମୋନ ( ଉଦ୍ଭିଦ ପୋଷକ ) ମିଳି ଥାଏ ସେଥି ମଧ୍ୟରୁ ନାପଥାଲିନ୍ ଏସିଟିକ୍ ଏସିଡ (Napthylene acetic Acid) ଯାହାକି ପ୍ଲାନୋଫିକ୍ସ ହ୍ରେକ ନାମରେ ମିଳେ ଏହାକୁ ୧୦୦ ପି.ପି.ଏମ ( ଅର୍ଥାତ୍ ୨୨.୫ ମି.ଲି.କୁ ୧୦ ଲିଟର ପାଣିରେ ମିଶାଇ) ବର୍ଷା ଋତୁରେ ଆସିଥିବା ଫୁଲରେ ସିଂଚନ କରିଲେ ଫୁଲ ଗୁଡ଼ିକ ଆପେ ଆପେ ଅଙ୍କ ପତ୍ର ସହିତ ଝଡ଼ି ପଡ଼ନ୍ତି । ଏହା ଫଳରେ ଖରା ଦିନରେ ଭଲ ଫୁଲ ଆସିଥାଏ ଓ ଏହା ଶୀତ ଦିନରେ ଭଲ ଫଳ ଦେଇଥାଏ ।

ପିଜୁଳି ଗଛରେ ମୁଖ୍ୟତଃ ଗଛ ଛେଲିଖିଆ ଶୁଁଆଳୁଆ (Bark eating caterpillar) ର ସମସ୍ୟା ଦେଖା ଦେଇଥାଏ । ଏହି ପୋକର ପ୍ରକୋପ ପ୍ରାରମ୍ଭିକ ଅବସ୍ଥାରେ ଜଣା ପଡ଼ିନ ଥାଏ , ମାତ୍ର ଅବହେଳା କରିବା ଫଳରେ ସମ୍ପୂର୍ଣ୍ଣ ପିଜୁଳି ବଗିଚାଟି ନଷ୍ଟ ହୋଇଯାଇଥାଏ । ଏହା ଛଡ଼ା ପିଜୁଳି ଗଛରେ ଲାଗୁଥିବା ମୁଖ୍ୟ ପୋକ ମଧ୍ୟରେ ଫଳ ମାଛି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପିଜୁଳିରେ କେତେକ ମୁଖ୍ୟ ରୋଗର ସମସ୍ୟା ମଧ୍ୟ ପରିଲକ୍ଷିତ ହୋଇ ଥାଏ । ଏହି ରୋଗମାନଙ୍କ ମଧ୍ୟରେ ଝାଉଁଳା ରୋଗ,

ଆନ୍ଥ୍ରାକ୍ନୋଜ, କାଙ୍କର, ଫଳସଢ଼ା ଆଦି ରୋଗ ଅମ ଅଂଚଳରେ ଦେଖାଯାଇଥାଏ ।

## ପିଜୁଳିର ମୁଖ୍ୟ ରୋଗ ଓ ପୋକ ମାନଙ୍କର ସଫଳ ପରିଚାଳନା

| କ୍ରମିକ ସଂଖ୍ୟା | ରୋଗ / ପୋକର ନାମ | ନିୟନ୍ତ୍ରଣ ଉପାୟ |
|---|---|---|
| ୧ | ଗଛ ଛେଲିଖିଆ ଶୁଁଆଳୁଆ | କ୍ଲୋରପାଇରିଫସ୍ @ ୦.୨୫ ପ୍ରୟୋଗ |
| ୨ | ଫଳ ମାଛି | ଫଳ ମାଛି ଯନ୍ତା @୧୦ ଯନ୍ତା / ହେକ୍ଟର |
| ୩ | ଆନ୍ଥ୍ରାକ୍ନୋଜ | ବାଭିଷ୍ଟିଲ୍ @୦.୧% ପ୍ରୟୋଗ |
| ୪ | ଝାଉଁଳା ରୋଗ | ମାଟିର PH ମାତ୍ରା ଆଲକାଲାଇନ ବା ୭ରୁ ଅଧିକ ବଜାୟ ରଖିବା, ଉଦ୍ୟାନ ସଫା ରଖିବା ଏବଂ ମାଟିକୁ ୦.୨ % ବାଭିଷ୍ଟିନ୍ ଦ୍ୱାରା ତିନ୍ତେଇବା |



ଅଙ୍କିତା ସାହୁ
ବୈଜ୍ଞାନିକ, ଆଇ.ସି.ଏ.ଆର- କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା



ଦୀପା ସାମନ୍ତ
ବୈଜ୍ଞାନିକ, ଆଇ.ସି.ଏ.ଆର- କେନ୍ଦ୍ରୀୟ ହର୍ଟିକଲଚର ଏକ୍ସପେରିମେଂଟାଲ ଷ୍ଟେସନ୍, ଭୁବନେଶ୍ୱର-୭୫୧୦୧୯, ଓଡ଼ିଶା